## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୮ ଗିରଫ

**ଅନୁଗୋଳ ଅଫିସ, ୬।୭:** ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଜିଲାର ତାଳଚେର, ବଣ୍ଡା, ପାଲଲହଡ଼ା, ଜରପଡ଼ା, କଞ୍ଚରା ଆଦି ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଦୁଇ ଦିନ ଧରି ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ଚୋରା ମଦ ବିକ୍ରି ଓ ପ୍ରସ୍ତୁତି ସ୍ଥାନରୁ ୧୨ ହଜାର ୫୦ କେଜି ମହୁଲ ପୋଚ, ୧୫୩୪ ଲିଟର ଦେଶୀ ମଦ, ମାରୁତିକାର ଏବଂ ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରାଯାଇଛି। ଏ ନେଇ ୧୩ଟି ମାମଲା ରୁଜୁ କରାଯାଇ ୮ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଚଢ଼ାଉରେ ଡିଏସ୍‌ପି ନୀନା ବେଉରା, ଇନ୍ସପେକ୍ଟର ଦିଲୀପ ବେହେରା, ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍, ଜିଲା ଅବକାରୀ ଅଧିକାରୀ, ପୋଲିସ ଓ ମାଜିଷ୍ଟ୍ରେଟ ସାମିଲ ଥିଲେ।

### ୭୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୬।୭:** ଅନୁଗୋଳ ଜିଲାରୁ ମଙ୍ଗଳବାର ୭୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୧ ହଜାର ୩୧୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ୧୭ ଜଣ ଥିବାବେଳେ ବଣଁରପାଳ ବ୍ଲକରୁ ୧୧, ଛେଣ୍ଡିପଦା ବ୍ଲକରୁ ୧୦, ଅନୁଗୋଳ ପୌରାଞ୍ଚଳରୁ ୯, ତାଳଚେର ବ୍ଲକରୁ ୮, ଆଠମଲ୍ଲିକ ବ୍ଲକରୁ ୭, କଣିହାଁ ବ୍ଲକରୁ ୬, କିଶୋରନଗର ବ୍ଲକରୁ ୪, ପାଲଲହଡ଼ା ବ୍ଲକରୁ ୩, ତାଳଚେର ପୌରାଞ୍ଚଳରୁ ୨ ଓ ଆଠମଲ୍ଲିକ ଏସ୍ଏସିରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୭୧ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ନନ୍ଦପୁର, ବ୍ରହ୍ମପୁର କଣ୍ଟେନମେଣ୍ଟ

**ଅନୁଗୋଳ ଅଫିସ, ୬।୭:** ଅନୁଗୋଳ ବ୍ଲକରେ ଥିବା ନନ୍ଦପୁର ପଞ୍ଚାୟତର ନନ୍ଦପୁର ଓ ବ୍ରହ୍ମପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଜିଲାପାଳ କ୍ଷମତା ପାଇଥିବା ସରପଞ୍ଚ ଅନିତା ପ୍ରଧାନ ଏହି ଘୋଷଣା କରିଛନ୍ତି। ଏହି ଦୁଇ ଗ୍ରାମରେ କରୋନା ସଂକ୍ରମଣ ବ୍ୟାପୁଥିବାରୁ ଏହାକୁ ୭ ତାରିଖ ବୁଧବାର ଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏ ନେଇ ସରପଞ୍ଚ ପ୍ରଧାନ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ କେବଳ ଅତ୍ୟାବଶ୍ୟକ ସେବା ଜାରି ରହିବାକୁ ଅନୁମତି ଦିଆଯାଇଥିବା ଉକ୍ତ ଚିଠିରେ ଦର୍ଶାଯିବା ସହ ଏହାର ଏକ ନକଲ ଉପଜିଲାପାଳ ଅନୁଗୋଳ, ତହସିଲଦାର, ବନ୍ତଲା ଥାନା ଅଧିକାରୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି।

### ବୋଲେରୋ-ବାଇକ୍ ଧକ୍କା

**ଛେଣ୍ଡିପଦା,୬।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଜରପଡା ଥାନା ନିକଟରେ ମଙ୍ଗଳବାର ରାତି ୮ଟାରେ ଏକ ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ଘଟଣାରୁ ପ୍ରକାଶ, ବୋଲେରୋ ସମ୍ବଲପୁରରୁ ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ଜରପଡା ଥାନା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ଧକ୍କା ହୋଇଥିଲା। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ କରୁଛି। ଗୁରୁତର ବାଇକ ଚାଳକଙ୍କୁ ଚିକିତ୍ସା ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ବଣ୍ଡା,୬।୭(ଡି.ଏନ.ଏ.):** କିଶୋରନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅଭିଯୁକ୍ତ ରିତେଶ ମହାକୁଡ଼ ବଳାତ୍କାର କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୯୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଠମଲ୍ଲିକ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା କହିଛନ୍ତି, ସମ୍ପୃକ୍ତା ଯୁବତୀଙ୍କୁ ରିତେଶ କିଛିମାସ ହେଲା ଭଲ ପାଇ ଆସୁଥିଲେ। ସୋମବାର ଘରେ କେହି ନ ଥିବା ସୁଯୋଗ ନେଇ ରିତେଶ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ରିତେଶଙ୍କୁ ଗିରଫ କରି ଆଠମଲ୍ଲିକ କୋର୍ଟଚାଲାଣ କରିଛି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଣ୍ଡା,୬।୭(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଅଞ୍ଚଳର ସବିତା କଠାରଙ୍କୁ ତାଙ୍କ ସ୍ୱାମୀ ସ୍ମୃତିରଞ୍ଜନ କଠାର ନିର୍ଯାତନା ଦେଉଥିବା ସୋମବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୬୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସବିତାଙ୍କୁ ସ୍ମୃତିରଞ୍ଜନ ୨୦୧୮ରେ ଭଲ ପାଇ ବିବାହ କରିଥିଲେ। ପରେ ତାଙ୍କୁ ଯୌତୁକ ଆଣିବା ପାଇଁ କହିବା ସହ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ଘନତ୍ୱ ବୃଦ୍ଧିକୁ ଗୁରୁତ୍ୱ ନାହିଁ

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୬।୭



- ଚାରା ରୋପଣ ପରେ କରାଯାଉନି ରକ୍ଷଣାବେକ୍ଷଣ
- ପରିବେଶ କ୍ଷତ ଭରଣା ହେଉ ନ ଥିବାରୁ ଉଦ୍‌ବେଗ
- ଚଳିତବର୍ଷ ଅନୁଗୋଳ ଜିଲାରେ ଲାଗିବ ୧୨ ଲକ୍ଷ ଚାରା

ଶିଳ୍ପବହୁଳ ଅନୁଗୋଳ ଜିଲାରେ ନଷ୍ଟ ହୋଇଚାଲିଛି ପ୍ରାକୃତିକ ଜଙ୍ଗଲ। ବଢୁଥିବା ଖଣି ଖାଦାନ ପାଇଁ ବଳିପଡୁଛି ବ୍ୟାପକ ବୃକ୍ଷ। ଏହି କାରଣରୁ ଘୋର କ୍ଷତି ପହଞ୍ଚୁଛି ସବୁଜିମାକୁ। ପ୍ରଦୂଷଣ ବଢୁଥିବା ବେଳେ ପରିବେଶର ଏହି କ୍ଷତ ଭରଣା କରିବାକୁ ପ୍ରତିବର୍ଷ ହେଉଛି ବନୀକରଣ। ବନ ବିଭାଗ ଉଦ୍ୟମରେ ଲଗାଯାଉଛି ଲକ୍ଷାଧିକ ଚାରା। ହେଲେ ରକ୍ଷଣାବେକ୍ଷଣ ଦିଗରେ ଉପଯୁକ୍ତ ଗୁରୁତ୍ୱ ଅଭାବରୁ ଅନୁଗୋଳ ଜିଲାରେ ଜଙ୍ଗଲର ଘନତ୍ୱ ବୃଦ୍ଧି ପାଉନାହିଁ। କର୍ତ୍ତୃପକ୍ଷଙ୍କ ଚିନ୍ତାଶୂନ୍ୟ ନୀତି ଯୋଗୁ ଏହି ଯୋଜନାର ପ୍ରକୃତ ଲାଭ ମିଳୁ ନ ଥିବା ପରିବେଶବିତ୍‌ମାନେ ଅଭିଯୋଗ କରୁଛନ୍ତି। ତଥାପି ଚଳିତବର୍ଷ ବନ ମହୋତ୍ସବ ଅବସରରେ ୧୨ ଲକ୍ଷ ୯ ହଜାର ଚାରା ଲଗାଯିବାକୁ ଯୋଜନା ହୋଇଥିବା ସୂଚନା ମିଳିଛି।

୨୦୧୭-୧୮ ଆର୍ଥିକ ବର୍ଷରେ ଅନୁଗୋଳ ଜିଲାରେ ୮ଟି ଯୋଜନାରେ ୩୬୭.୫୩ ହେକ୍ଟର ଜମିରେ ବନୀକରଣ ହୋଇଥିଲା। ସେଥିରୁ ୩୨ ଏକର ଖୋଲାସ୍ଥାନ ହୋଇଥିବା ବେଳେ ଜଙ୍ଗଲର ଘନତ୍ୱ ବଢ଼ାଇବାକୁ ୩୩୫.୫୩୦ ହେକ୍ଟର ଜଙ୍ଗଲରେ ଚାରା ରୋପଣ କରାଯାଇଥିଲା। ଏଥିସହ ୮ କିଲୋମିଟର ରାସ୍ତା ପାର୍ଶ୍ୱରେ ଚାରା ଲଗାଯାଇଥିଲା। ବନ ବିଭାଗ ନିଜସ୍ୱ ଉଦ୍ୟମରେ ୧ ଲକ୍ଷ ୩୩ ହଜାର ୫୯୬ ଚାରା ଲଗାଇଥିଲା। ୩୩ ହଜାର ବଣ୍ଟନ ଓ ବିକ୍ରୟ କରାଯାଇଥିଲା। ସେହିପରି ୨୦୧୮-୧୯ ବର୍ଷରେ ସବୁଜିମା ସୃଷ୍ଟି କରିବାକୁ ୫୧.୬୮୨ ହେକ୍ଟରରେ ଓ ଜଙ୍ଗଲର ଘନତ୍ୱ ବୃଦ୍ଧି ପାଇଁ ୧୭୦୧.୨୫ ହେକ୍ଟରରେ ବନୀକରଣ ହୋଇଥିଲା। ୩୭ କିଲୋମିଟର ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରାଯାଇଥିଲା। ବନ ବିଭାଗ ପକ୍ଷରୁ ୪ ଲକ୍ଷ ୪୬ ହଜାର ୮୫୧ ଚାରା ଲଗାଯାଇଥିବାବେଳେ ୩ ଲକ୍ଷ ୪୩୦ ବଣ୍ଟନ ହୋଇଥିଲା। ୨୦୧୯-୨୦ରେ ୭୧.୨୩ ହେକ୍ଟର ଖୋଲାସ୍ଥାନ ଓ ୧୬୮୬.୨ ହେକ୍ଟର ଜଙ୍ଗଲ ଜମିରେ ଚାରା ରୋପଣ କରାଯାଇଥିଲା। ବିଭାଗ ପକ୍ଷରୁ ୪ ଲକ୍ଷ ୩୨ ହଜାର ୪୫୮ ଚାରା ଲଗାଯାଇଥିଲା। ୮ ଲକ୍ଷ ୬୬ ହଜାର ୪୯୦ ବଣ୍ଟନ ଓ ବିକ୍ରି କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ୯୫ ହେକ୍ଟର ଖୋଲାସ୍ଥାନ ଓ ୧୧୨୦ ହେକ୍ଟର ଜଙ୍ଗଲ ଜମିରେ ଚାରା ରୋପଣ ହୋଇଥିଲା। ଏଥିସହ ୬୮ କିଲୋମିଟର ରାସ୍ତା ପାର୍ଶ୍ୱରେ ବନୀକରଣ କରାଯାଇଥିଲା। ସେଥିରୁ ବନ ବିଭାଗ ପକ୍ଷରୁ ୪ ଲକ୍ଷ ୩୨ ହଜାର ୧୬୦ ଲଗାଯାଇଥିବାବେଳେ ୧୫ ଲକ୍ଷ ୨୮ ହଜାର ଚାରା ବଣ୍ଟନ ଓ ବିକ୍ରୟ କରାଯାଇଥିଲା। ଚଳିତବର୍ଷ ମୋଟ ୧୨ ଲକ୍ଷ ୯ ହଜାର ୯୧୪ ଚାରା ଉତ୍ପାଦନ ହୋଇଛି। ସେଥିମଧ୍ୟରୁ ୪ ଲକ୍ଷ ୪୯ ହଜାର ୯୧୪ ବନୀକରଣ ପାଇଁ ରୋପଣ କରାଯିବ। ଆଉ ୭ ଲକ୍ଷ ୬୦ ହଜାର ଚାରା ବଣ୍ଟନ ଓ ବିକ୍ରୟ କରାଯିବାର ଯୋଜନା ହୋଇଛି। ତେବେ ପ୍ରତିବର୍ଷ ଏତେ ସଂଖ୍ୟକ ଚାରା ଲଗାଯାଉଥିଲେ ମଧ୍ୟ ଜଙ୍ଗଲର ଘନତ୍ୱ କାହିଁକି ବୃଦ୍ଧି ହେଉନାହିଁ ସେ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସବୁଜିମା ବୃଦ୍ଧି ଅତ୍ୟନ୍ତ ଆବଶ୍ୟକ



"ଶିଳ୍ପ ପାଇଁ ଅନୁଗୋଳ ଜିଲାରେ ସବୁଜିମା ନଷ୍ଟ ହେଉଛି। ତେଣୁ ସବୁଜିମା ବୃଦ୍ଧି ନିମନ୍ତେ ବିପୁଳ ଚାରା ରୋପଣ ଅତ୍ୟନ୍ତ ଆବଶ୍ୟକ। ତେଣୁ ବନ ବିଭାଗ ସହ ଶିଳ୍ପ ସଂସ୍ଥା ଓ ଜନସାଧାରଣ ଏ ଦିଗରେ ଅଧିକ ପରିଶ୍ରମ କରିବା ଜରୁରୀ। ଏହାଦ୍ୱାରା ଜିଲାରେ ଅଧିକ ଜଙ୍ଗଲ ସୃଷ୍ଟି ହେବା ସହ ପ୍ରଦୂଷଣ ହ୍ରାସ ପାଇବ।

-ପ୍ରସନ୍ନ କୁମାର ବେହେରା, ଡିଏଫ୍‌ଓ, ଅନୁଗୋଳ ବନଖଣ୍ଡ

### ବଢୁଥିବା ଖଣି ଖାଦାନ ଦାୟୀ



"ଖଣି ଖାଦାନ ପାଇଁ ଅନୁଗୋଳ ଜିଲାରେ ଜଙ୍ଗଲ ସମ୍ପଦ କ୍ଷୟ ହେଉଛି। ଏହାର ଭରଣା କରିବାକୁ ଯେଉଁଭଳି ଭାବେ ଉଦ୍ୟମ କରାଯିବା କଥା ତାହା ଦେଖାଯାଉ ନାହିଁ। ପ୍ରାକୃତିକ ଜଙ୍ଗଲକୁ ନଷ୍ଟ କରି ସେଠାରେ ଚାରା ରୋପଣ ଦ୍ୱାରା ପୁଣି ଜଙ୍ଗଲ ସୃଷ୍ଟି କାଠିକର ପାଠ ହୋଇପଡୁଛି। ଏ ନେଇ ଚିନ୍ତା କରିବାର ବେଳ ଆସିଛି।

-ସ୍ୱପ୍ନା ଷଡ଼ଙ୍ଗୀ, ପରିବେଶବିତ୍, ଅନୁଗୋଳ

### ଉଜୁଡ଼ା ଜଙ୍ଗଲ ସଜାଡ଼ିବା ବେଳ



"କେବଳ ବନୀକରଣ କରିଦେଲେ ହେବ ନାହିଁ। ଏହାର ଉପଯୁକ୍ତ ରକ୍ଷଣବେକ୍ଷଣ କରାଗଲେ ହିଁ ଜଙ୍ଗଲର ଘନତ୍ୱ ବୃଦ୍ଧି ପାଇବ। ବିପୁଳ ଅର୍ଥ ବିନିଯୋଗ କରାଯାଇ ଚାରା ରୋପଣ କରାଯାଉଥିଲେ ମଧ ତାହାର ଯତ୍ନ ନିଆଯାଉ ନାହିଁ। ଜିଲାରେ ଥିବା ପୁରୁଣା ପ୍ରାକୃତିକ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯାଉ।

-ଅଶୋକ ଶତପଥୀ, ପରିବେଶବିତ୍, ଅନୁଗୋଳ

## ଅନିୟମିତତା ଅଭିଯୋଗର ଯାଞ୍ଚ

### ପ୍ରାଣୀମିତ୍ର ଓ କୃଷିମିତ୍ର ଚୟନ

ଛେଣ୍ଡିପଦା,୬।୭(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାଣୀମିତ୍ର ଓ କୃଷିମିତ୍ର ଚୟନରେ ଅନିୟମିତତା ହୋଇଥିବା ନେଇ ବହୁ ଆବେଦନକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଜୀବିକାମିଶନ ପକ୍ଷରୁ ସରକାରଙ୍କ ନିର୍ଦ୍ଧାରିତ ଗାଇଡଲାଇନ ଅନୁଯାୟୀ ଏହା ଚୟନ କରାଯାଇ ନ ଥିବା ଅଭିଯୋଗକାରୀମାନେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ପାତ୍ରପଡା, କଣଲୋଇ ଓ ନୂଆଗାଁ ପଞ୍ଚାୟତରୁ ହୋଇଥିବା ଅଭିଯୋଗ ଗୁଡିକର ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ବ୍ଲକ ଆକାଉଣ୍ଟାଣ୍ଟ ପରମାନନ୍ଦ ପାତ୍ର, ଓଡ଼ିଶା ଜୀବିକା ମିଶନର ବ୍ଲକ ପୋଗ୍ରାମ ମ୍ୟାନେଜର ପ୍ରମୋଦ ବେହେରା, ସଂଯୋଜକ ହିରଣ୍ମୟୀ ପ୍ରଧାନ, ସୁବ୍ରତ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ସୁବ୍ରତ ଗଡନାୟକ, ଅଶୋକ ବେହେରା, ଖମାର ପ୍ରାଣୀଧନ ଚିକିତ୍ସା ଅଧିକାରୀ ରାଜକିଶୋର ସାହୁ ପ୍ରମୁଖ ଉକ୍ତ ପଞ୍ଚାୟତ ଅଞ୍ଚଳ ଗସ୍ତକରି କାଗଜପତ୍ରକୁ ଯାଞ୍ଚ କରିଥିଲେ। ଆବେଦନକାରୀ ଦେଇଥିବା ପ୍ରମାଣପତ୍ର ନେଇ ସନ୍ଦେହ ଥିବାରୁ ସେସବୁକୁ ଯାଞ୍ଚ କରିବା ପାଇଁ ଉକ୍ତ ବିଭାଗକୁ ଚିଠି କରାଯିବ ଏବଂ ରିପୋର୍ଟ ଆସିବା ପରେ ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଯାଞ୍ଚ କମିଟି ପ୍ରକାଶ କରିଛି।

## ଏକକ ଅଭିଭାବକଙ୍କୁ ହରାଇଛନ୍ତି ୮୮୪ ଶିଶୁ

### ଆଶୀର୍ବାଦ ଯୋଜନାର ସମୀକ୍ଷା ବୈଠକ

ଅନୁଗୋଳ ଅଫିସ, ୬।୭

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଆଶୀର୍ବାଦ ଯୋଜନା ଉପରେ ଏକ ପ୍ରଶିକ୍ଷଣ ଶିବିର ଏବଂ ସମୀକ୍ଷା ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଆଶୀର୍ବାଦ ଯୋଜନା କିଭଳି ଭାବେ ଜିଲାରେ ସୁଚାରୁ ଭାବେ କାର୍ଯ୍ୟକାରୀ ହେବ ସେ ନେଇ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୨୦୨୦ ଏପ୍ରିଲ ୧ ତାରିଖରୁ ଅଦ୍ୟାବଧି ଅନୁଗୋଳ ଜିଲାରେ ୮୫ ଜଣ ଶିଶୁ କରୋନା ଏବଂ ବିଭିନ୍ନ ରୋଗରେ ଉଭୟ ମାତାପିତାଙ୍କୁ ହରାଇଥିବାବେଳେ ୮୮୪ ଜଣ ଶିଶୁ ଏକକ ଅଭିଭାବକଙ୍କୁ ହରାଇଛନ୍ତି। ଯେଉଁ ଶିଶୁମାନେ ଉଭୟ ମାତାପିତାଙ୍କୁ ହରାଇଛନ୍ତି, ପୂର୍ବରୁ ଜଣେ ଓ ଏବେ ଅନ୍ୟ ଜଣଙ୍କୁ ହରାଇଛନ୍ତି କିମ୍ବା ଜଣେ ରୋଜଗାରକ୍ଷମ ଅଭିଭାବକଙ୍କୁ ହରାଇଛନ୍ତି, ସେପରି ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ଆର୍ଥିକ ସହାୟତା ସରକାର ପ୍ରଦାନ କରିବେ। ଉଭୟ ମାତାପିତାଙ୍କୁ ହରାଇଥିବା ଶିଶୁଙ୍କୁ ୧୮ ବର୍ଷ ହେଲା ଯାଏ ମାସିକ ୨୫ ଶହ ଟଙ୍କା ଓ ଏକକ ଅଭିଭାବକଙ୍କୁ ହରାଇଥିବା ଶିଶୁଙ୍କୁ ମାସିକ ୧୫ ଶହ ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ସେହିଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହିତ ସେମାନଙ୍କ ମାଗଣା ଶିକ୍ଷା ବ୍ୟବସ୍ଥା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ଶିଶୁଙ୍କ ଯୋଗ୍ୟ ବିବେଚିତ ପରିବାରକୁ ସରକାରଙ୍କ ସମସ୍ତ ଜନ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଜିଲା ଶିଶୁ ମଙ୍ଗଳ କମିଟି ସ୍ଥାନୀୟ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ତହସିଲଦାର ଓ ପୋଲିସ ସହିତ ସମନ୍ୱୟ ରଖି ଶିଶୁଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି ଯୋଜନାରୁ ଯେପରି ଜଣେ ଯୋଗ୍ୟ ଶିଶୁ ବଞ୍ଚିତ ନ ହେବେ ସେ ନେଇ କାର୍ଯ୍ୟ କରିବାକୁ ଜିଲାପାଳ ସ୍ୱାଇଁ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ପିଓ(ଏସ୍‌ଡବ୍ଲ୍ୟୁ) ପୌର୍ଣ୍ଣମାସୀ ରଥ, ସମସ୍ତ ସିଡିପିଓ ଓ ଆଇସିଡିଏସ୍ ସୁପରଭାଇଜରମାନେ ଅଂଶ ଗ୍ରହଣ କରିଥିଲେ।

## ସଫେଇ କର୍ମଚାରୀଙ୍କ ଧାରଣା ଜାରି

ଅନୁଗୋଳ ଅଫିସ, ୬।୭

ଅନୁଗୋଳ ପୌରପାଳିକା ସଫେଇ ନେଇ ଉପୁଜିଥିବା ବିବାଦର ସମାଧାନ ହୋଇପାରି ନ ଥିବାବେଳେ ସଫେଇ କର୍ମଚାରୀଙ୍କ ପକ୍ଷରୁ ଦିଆଯାଇଥିବା ଧାରଣା ଜାରି ରହିଛି। ସଫେଇ କାର୍ଯ୍ୟରୁ ଦୂରେଇ ରଖାଯାଇଥିବା ସଂଘର ୩ ଜଣଙ୍କୁ ପୁଣି କାର୍ଯ୍ୟକୁ ଫେରାଇ ଆଣିବା ଦାବିରେ କର୍ମଚାରୀମାନେ ଏହି ଧାରଣା ଦେଇଛନ୍ତି। ଆଲୋଚନା ପାଇଁ ଉପଜିଲାପାଳ ବାସୁଦେବ ଶତପଥୀ, ତହସିଲଦାର ବିମଳ କୁମାର ଲେଙ୍କା, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରମୁଖ ଆସିଥିଲେ। ତେବେ ଅଧିକାରୀମାନେ ଆସିବା ଦେଖି ସଫେଇ କର୍ମଚାରୀ ଧାରଣା ସ୍ଥଳରୁ ଚାଲିଯାଇଥିଲେ। ପରେ ପୌର କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ମଧ୍ୟରେ ଏକ ବୈଠକ ବସିଥିଲା। ସଫେଇ କାର୍ଯ୍ୟ ଠିକା ନେଇଥିବା ସଂସ୍ଥାର ମାଲିକ ସୁରେନ୍ଦ୍ର ବାରିକ ସନ୍ଧ୍ୟାରେ ଅନୁଗୋଳ ଆସି ପୌର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ସହର ସଫେଇ କାର୍ଯ୍ୟ ଦୀର୍ଘ ଦିନ ହେବ ଠିକ୍ ଭାବେ ହେଉ ନ ଥିବାବେଳେ ମଙ୍ଗଳବାର ପୋଲିସ ସୁରକ୍ଷା ମଧ୍ୟରେ ଆବର୍ଜନା ଉଠାଯାଇଛି।

## ୮ ବ୍ଲକ ଘେରାଉ କରିବ ଭାଜପା

### ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି ଅଭିଯୋଗ

ଅନୁଗୋଳ ଅଫିସ,୬।୭




ଖବରଦାତା ସମ୍ମିଳୀନରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜେଡି ସରକାର ଦୁର୍ନୀତି କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଆସନ୍ତା ୭, ୮ ଓ ୯ ତାରିଖରେ ଜିଲାର ସମସ୍ତ ୮ଟି ବ୍ଲକ ଘେରାଉ କରାଯିବ ବୋଲି ମଙ୍ଗଳବାର ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି।

ଦଳର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଅନୁଗୋଳ ଜିଲାର ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବାବେଳେ ବିଜେଡି କର୍ମୀଙ୍କୁ ଆବାସ ବଣ୍ଟା ଯାଇଛି। ଏପରି ଦୁର୍ନୀତି ବିରୋଧରେ ୭ ତାରିଖରେ ତାଳଚେର, କିଶୋରନଗର ବ୍ଲକ ଘେରାଉ କରାଯିବ। ୮ ତାରିଖରେ ଅନୁଗୋଳ, ବଣଁରପାଳ, କଣିହାଁ ଓ ଆଠମଲ୍ଲିକ ବ୍ଲକ ଘେରାଉ ହେବ। ୯ ତାରିଖରେ ପାଲଲହଡା ଓ ଛେଣ୍ଡିପଦା ବ୍ଲକ ଘେରାଉ କରାଯିବ। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ କହିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜେଡି ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରିୟାପ୍ରୀତି ତୋଷଣ କରାଯାଇଛି। ହିତାଧିକାରୀଙ୍କୁ ଠିକ ପ୍ରାପ୍ୟ ମିଳୁନାହିଁ। ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅଶୋକ ମହାନ୍ତି କହିଥିଲେ, ପାଲଲହଡା ଏବଂ କଣିହାଁ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା କହିଥିଲେ, ଆବାସ ଯୋଜନାରେ ଘର ପାଇବା ପୂର୍ବରୁ ହିତାଧିକାରୀଙ୍କ ତାଲିକା ବିଜେଡି କର୍ମୀଙ୍କ ନିକଟରେ କିଭଳି ପହଞ୍ଚୁଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ମିଡିଆସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ମିଡିଆସେଲ ସହ ସଂଯୋଜକ ସମୀର ପରିଡ଼ା, ଜିଲା ଉପ ସଭାପତି ସୁଜାତା ଦାସ, ଜିଲା ସମ୍ପାଦକ ନମିତା ଦଳ ବେହେରା, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ପାଲଲହଡ଼ାରେ ପ୍ରସ୍ତୁତି

**ପାଲଲହଡା,୬।୭(ଡି.ଏନ.ଏ.)-** ଆସନ୍ତା ୯ ତାରିଖରେ ଭାଜପା ପକ୍ଷରୁ ପାଲଲହଡା ବ୍ଲକ ଘେରାଉ କରାଯିବ। ଏ ନେଇ ସଦରମହକୁମାସ୍ଥିତ ସଂସ୍କୃତି ଭବନ ଠାରେ ମଙ୍ଗଳବାର ବ୍ଲକର ତିନୋଟି ମଣ୍ଡଳ ସଭାପତିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ ବ୍ଲକ ଅଫିସ ଘେରାଉ ସହ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସମ୍ପର୍କରେ ସୂଚନା ଦେଇଥିଲେ। ଖେମଲା ମଣ୍ଡଳ ପ୍ରଭାରୀ ତନ୍ମୟ ସାହୁ, ଉପସଭାପତି ଲିଙ୍ଗରାଜ ଦାସ, ପାଲଲହଡା ମଣ୍ଡଳ ପ୍ରଭାରୀ ନୃସିଂହ ବରାଳ, ମଣ୍ଡଳ ସଭପତି ଗୌରଚନ୍ଦ୍ର ପ୍ରଧାନ, ଯୁବମୋର୍ଚ୍ଚା ଉପସଭାପତି ବିକାଶ ନହରା ପ୍ରମୁଖ ଉପସ୍ଥିତ ଥିଲେ।

## ଦସ୍ତଖତ ଜାଲ୍ କରି ଜମି ବିକ୍ରି

### ଥାନାରେ ଏତଲା ଦେଲେ ଅନୁଗୋଳ ସବ୍‌ରେଜିଷ୍ଟ୍ରାର

ଅନୁଗୋଳ ଅଫିସ, ୬।୭

ଜମି ମାଲିକଙ୍କ ଦସ୍ତଖତ ଜାଲ୍ କରି ୮ ଗୁଣ୍ଠରୁ ଅଧିକ ଜମି ବିକ୍ରି କରାଯାଇଛି। ଏପରି ଅଭିଯୋଗ ଆସିଛି ଅନୁଗୋଳ ଜିଲାରୁ। ଅଭିଯୋଗ ପାଇବା ପରେ ଅନୁଗୋଳ ସବ୍‌ରେଜିଷ୍ଟ୍ରାର ଏ ନେଇ ଅନୁଗୋଳ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୩୪୦/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ଅଭିଯୋଗରୁ ପ୍ରକାଶ ଯେ, ବଣଁରପାଳ ଥାନା ଫୁଲପଡ଼ା ପଣ୍ଡପୁର ଅଞ୍ଚଳର କାହ୍ନୁ ଚରଣ ଗଡ଼ନାୟକ ପୈତୃକ ସମ୍ପତ୍ତି ବିକ୍ରି ପୂର୍ବରୁ କାଗଜପତ୍ର ଠିକ୍ କରିବାକୁ ଅନୁଗୋଳ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ଚରତାପଟା ମୌଜାରେ ଥିବା ଖାତା ନଂ. ୫ ଓ ପ୍ଲଟ ନଂ. ୫ରେ ୮ ଗୁଣ୍ଠରୁ ଅଧିକ (୦.୩୩ ଡିସିମିଲ) ଜମି ତାଙ୍କ ଦସ୍ତଖତ ଜାଲ୍ କରି କେହି ବିକ୍ରି କରିଦେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ସବ୍‌ରେଜିଷ୍ଟ୍ରାରଙ୍କୁ ଅଭିଯୋଗ କରିବା ପରେ କାର୍ଯ୍ୟାଳୟରେ ହଇଚଇ ଖେଳିଯାଇଥିଲା। ଏ ସମ୍ପର୍କରେ ତଦନ୍ତ କରିବାକୁ ସବ୍‌ରେଜିଷ୍ଟ୍ରାର ଅମ୍ଳାନ ଅପରାଜିତା ମିଶ୍ର ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସର ସହାୟତା ନିଆଯାଇଛି। ଯଦି ଦସ୍ତଖତ ଜାଲ୍ କରି ଜମି ବିକ୍ରି କରାଯାଇଥିବ ତା'ହେଲେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପୋଲିସ ପକ୍ଷରୁ ନିଆଯିବ। ଅନୁଗୋଳ ଥାନା ଏସ୍ଆଇ ପ୍ରଶାନ୍ତ କୁମାର ପ୍ରଧାନ ଏହାର ତଦନ୍ତ କରୁଛନ୍ତି।




ଅନୁଗୋଳ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ।

## ପାଳନ ହେଉନି ପାଲଭିଡ଼ା ନିୟମ

### ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ଦାବିପତ୍ର

ତାଳଚେର,୬।୭(ନି.ପ୍ର.)



ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେରରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ କୋଇଲା ପରିବହନ କରୁଥିବା ହାଇୱା ଓ ରେଳ ୱାଗନଗୁଡ଼ିକରେ ପାଲ ଭିଡ଼ାଯିବାକୁ ପ୍ରଗତି ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସୋମବାର ଅନୁଷ୍ଠାନ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳର ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଦୈନିକ ସହସ୍ରାଧିକ ଟ୍ରକ୍ ଓ ୭୦/୮୦ ୱାଗନ ଯୋଗେ କୋଇଲା ଏଠାରୁ ରାଜ୍ୟ ଏବଂ ରାଜ୍ୟ ବାହାରକୁ ପରିବହନ ହେଉଛି। କିନ୍ତୁ ପାଲ ଭିଡା ନ ଯିବା ଦ୍ୱାରା କୋଇଲା ଗୁଣ୍ଡ ଉଡ଼ି ପ୍ରଦୂଷଣ ବଢାଉଛି। ବିଗତ ଦିନରେ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏବଂ କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ମଧ ଏ ନେଇ ଗେଜେଟ୍ ନୋଟିଫିକେଶନ ଜାରି କରିଛନ୍ତି। ଏତଦ୍‌ବ୍ୟତୀତ ରେଲୱେ ବୋର୍ଡ ପକ୍ଷରୁ ମଧ କୋଇଲା ପରିବହନ ବେଳେ ରେଳ ଡବାଗୁଡ଼ିକରେ ପାଲ ଭିଡ଼ାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହାକୁ ଠିକ୍ ଭାବେ ପାଳନ କରାଯାଉ ନ ଥିବା ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ବରିଷ୍ଠ ନାଗରିକ, ପରିବେଶବିତ୍, ଶ୍ରମିକ ସଙ୍ଗଠନ, ରାଜନୈତିକ ସଙ୍ଗଠନ ଆଦି ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଏଣୁ ନିୟମ ମାନୁ ନ ଥିବା ଉକ୍ତ ସଂସ୍ଥାଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାଳଚେର ଅଞ୍ଚଳରେ ପ୍ରଦୂଷଣ ରୋକା ଯିବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ସମ୍ପାଦକ ପ୍ରଭାତ କୁମାର ରଥ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ଜିନେସ ସାହୁ, ସୂର୍ଯ୍ୟକାନ୍ତ ବିଶୋଇ, ଆଶିଷ ବେହେରା, ସୌଭାଗ୍ୟ ବିଶ୍ୱାଳ, ସୁନୀଲ ପାଣି, ଶରତ ନାଏକ ପ୍ରମୁଖ ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

## ଯୁବ ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ଖମାର,୬।୭

ପାଲଲହଡ଼ା ବ୍ଲକ ଖମାର ସୁଲିଆ ବଜାରର ଯୁବ ବ୍ୟବସାୟୀ ଅନାଦି ଚରଣ ସାହୁ(୫୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଏକ ଫୋନ୍ ବୁଥ୍ କରିବା ସହ ଧରିତ୍ରୀ ଖବରକାଗଜ ବିକ୍ରି କରୁଥିଲେ। କିଛି ବର୍ଷ ହେବ ସେ କିଡ୍‌ନୀ ରୋଗରେ ପୀଡିତ ଥିଲେ। ସକାଳେ ହଠାତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ପରିବାର ଲୋକେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅତ୍ୟନ୍ତ ମିଷ୍ଟଭାଷୀ ଓ ମେଳାପୀ ସ୍ୱଭାବର ଥିଲେ। ତାଙ୍କ ମୃତ୍ୟୁ ଖବର ବଜାରରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଖମାର ବଜାରକୁ ଦିନକ ପାଇଁ ବନ୍ଦ ରଖାଯାଇଛି। ସୁଲିଆ ବଣିକ ସଂଘ ସଭାପତି ଧରଣୀଧର ବିଶ୍ୱାଳ, ସମ୍ପାଦକ ଫଣୀଭୂଷଣ ବିଶ୍ୱାଳ, କୋଷାଧ୍ୟକ୍ଷ ରମେଶ ସାହୁ, ସଦସ୍ୟ ଭଗବାନ ଅମ୍ଭ, କେସବ ସାହୁ, କଣ୍ଟୁ ସାହୁ, ଗୌରଚନ୍ଦ୍ର ସାହୁ, କ୍ଷେତ୍ରବାସୀ ସାହୁ, ରାଜକୁମାର ଚୌଧୁରୀ, ସନାତନ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୧୯ ଚୋରି ପାଣିପମ୍ପ ଜବତ, ୪ ଗିରଫ



**ଢେଙ୍କାନାଳ ଅଫିସ, ୬।୭:** ଗତ ୬ମାସ ମଧ୍ୟରେ ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୧୯ଟି ପାଣି ପମ୍ପକୁ ଟାଉନ ଥାନା ପୋଲିସ ମଙ୍ଗଳବାର ଜବତ କରିଛନ୍ତି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ୪ଜଣ ଧରାପଡ଼ିଛନ୍ତି। ଏଥିରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଛି। ସେମାନେ ଫେରାର ହୋଇଥିବା ଆଶଙ୍କା କରି ଗିରଫ ଅଭିଯୁକ୍ତଙ୍କ ନାମ ପୋଲିସ ସାର୍ବଜନୀନ କରିନାହିଁ। ଅଭିଯୁକ୍ତମାନେ କୌଶଳକ୍ରମେ ବୋରୱେଲରୁ ପାଣି ପମ୍ପ ଚୋରି କରି ୬ରୁ ୭ହଜାର ଟଙ୍କାରେ ବିକ୍ରି କରୁଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

### ସାପକାମୁଡ଼ାରେ ଯୁବତୀ ମୃତ

**କାମାକ୍ଷାନଗର, ୬।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ ଗ୍ରାମର ପଙ୍କଜିନୀ ଦେହୁରୀ (୨୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗତ ରବିବାର ରାତିରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏହା ଜଣାପଡ଼ିବା ପରେ ପରିବାର ଲୋକେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ସୋମବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ଗଛରୁ ଖସିପଡ଼ି ନାବାଳକ ଗୁରୁତର

**କାମାକ୍ଷାନଗର, ୬।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତ ଅନ୍ତର୍ଗତ ମାଝିସାହିର ବିଜୁ ମୁର୍ମୁ (୮) ମଙ୍ଗଳବାର ଗଛରୁ ଖସିପଡ଼ି ଗୁରୁତର ହୋଇଛନ୍ତି। ସେ ଘର ପାଖରେ ଥିବା ଏକ ଗଛରେ ଚଢ଼ିଥିବାବେଳେ ଅସାବଧାନତାବଶତଃ ଖସିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଆଘାତ ଲାଗିଥିବାବେଳେ ସେ ଏବେ ଚିକିତ୍ସାଧୀନ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ ଦିଆଯାଇଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୬।୭:** ଢେଙ୍କାନାଳ ଅମଲାପଡ଼ା ଅଞ୍ଚଳର ପ୍ରଫୁଲ୍ଲ କୁମାର କରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ପ୍ରଫୁଲ୍ଲ କ୍ଷୁଦ୍ର ଜଳସେଚନ ବିଭାଗର ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଏହି ସୂଚନା ମିଳିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। କୁଞ୍ଜକାନ୍ତସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ଏମ୍‌ପି ମହେଶ ସାହୁ ଶୋକବ୍ୟକ୍ତ କରିଛନ୍ତି।

### ଶ୍ୟାମାପ୍ରସାଦଙ୍କ ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ, ୬।୭:** ଢେଙ୍କାନାଳ ବିଧାନସଭାମଣ୍ଡଳୀ ଭାଜପା ପକ୍ଷରୁ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୦ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କାଙ୍କ ଅଧକ୍ଷତାରେ ଭର୍ଚୁଆଲ ମାଧମରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଜିଲା ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ ଯୋଗଦେଇ ଡ. ମୁଖାର୍ଜୀଙ୍କ ତ୍ୟାଗପୂତ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଥିଲେ। ରତିକାନ୍ତ ସାହୁ, ମହାଦୀପ୍ ଯଶୋବନ୍ତ ମହିମା, ଶତ୍ରୁଘ୍ନ ରାଉତ, ଧ୍ରୁବଚରଣ ସ୍ୱାଇଁଙ୍କ ବହୁ ନେତୃବୃନ୍ଦ ଏଥିରେ ଭାଗନେଇଥିଲେ।

# ବନ୍ଧାହେଲେ ନକଲି ତହସିଲଦାର

**ଢେଙ୍କାନାଳ ଅଫିସ, ୬।୭**

■ ଧମକ ଦେଇ ଆଦାୟ କରୁଥିଲେ ବଟି
■ ସହଯୋଗୀ ଗିରଫ, ଅନ୍ୟ ଜଣେ ଫେରାର
■ ଘଟଣାରେ ବ୍ୟବହୃତ ବୋଲେରୋ ଜବତ

ନିଜକୁ ତହସିଲଦାର ବୋଲି ପରିଚୟ ଦେଉଥିଲେ। ଡରାଇ, ଧମକାଇ ଲଘୁ ଖଣିଜ ବୋଝେଇ ଭାରିଯାନରୁ ଆଦାୟ କରୁଥିଲେ ବଟି। ଏଭଳି ଏକ ଗ୍ୟାଙ୍ଗ୍‌ର ଦୁଇଜଣ ସଦସ୍ୟ ଢେଙ୍କାନାଳ ଟାଉନ ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ଗୋବିନ୍ଦପୁର ଫାଣ୍ଡି ସିଆରିଆ ଗ୍ରାମର ଅଶ୍ୱିନୀ କୁମାର ଧଳ (୨୯) ଏବଂ କାଲୁ ଦୋରା (୨୮)। ଅନ୍ୟ ଜଣେ ଅଭିଯୁକ୍ତ କୌଶଳକ୍ରମେ ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରୁ ଏକ ବୋଲେରୋ (ନଂ. ଓଡ଼ି ୦୬ ଜି ୧୨୭୦) ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଗୁଡ଼ିଆକାଟେଣୀ ଅଞ୍ଚଳରେ ଥିବା କ୍ରଶରରୁ ଏକ ମେଟାଲ ବୋଝେଇ ଟ୍ରକ୍ ସୋମବାର ରାତିରେ ଜଗତ୍‌ସିଂହପୁର ଯାଉଥିଲା। ରାତି ପ୍ରାୟ ୧୦ଟା ୧୫ରେ ଢେଙ୍କାନାଳ ସହରସ୍ଥିତ ଆନନ୍ଦନଗରଠାରେ ୩ଜଣ ଯୁବକ ବୋଲେରୋରେ ଆସି ଗାଡ଼ି ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନିଜକୁ ତହସିଲଦାର ବୋଲି ପରିଚୟ ଦେଇ ଟ୍ରକ୍ ଚାଳକ ରାମଚନ୍ଦ୍ର ପଟ୍ଟନାୟକଙ୍କୁ କାଗଜପତ୍ର ସହ ଟଙ୍କା ମାଗିଥିଲେ। ଦାବି ଅନୁଯାୟୀ ଅର୍ଥ ନ ଦେଲେ ଗୋବିନ୍ଦପୁର ଫାଣ୍ଡିରେ ପୂରେଇଦେବେ ବୋଲି ଧମକ ଦେଇଥିଲେ। ଏହି ସମୟରେ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ସଦର ଥାନାର ପିସିଆର୍ ଭ୍ୟାନ୍‌ରେ ଥିବା ପୋଲିସ କର୍ମଚାରୀଙ୍କ ନଜରକୁ ଏହି ଘଟଣା ଆସିଥିଲା। ସନ୍ଦେହରେ ସେମାନେ ଗାଡ଼ିରୁ ଓହ୍ଲାଇ ପଚରାଉଚୁରା କରିବା ବେଳେ ପ୍ରକୃତ କଥା ଜଣାପଡ଼ିଥିଲା। ଘଟଣାସ୍ଥଳରୁ ୨ଅଭିଯୁକ୍ତ ଧରାପଡ଼ିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ପିସିଆର୍ କର୍ମଚାରୀଙ୍କଠାରୁ ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ୨ ଜଣଙ୍କୁ ହେପାଜତକୁ ନେଇଥିଲା। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଅଞ୍ଚଳର ଟ୍ରକ୍ ଚାଳକ ରାମଚନ୍ଦ୍ରଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ନଂ. ୨୬୯/୨୧ରେ ଏକ ମାମଲା ରୁଜୁ ହୋଇଛି। ଅଶ୍ୱିନୀ ନିଜକୁ ତହସିଲଦାର ବୋଲି ପରିଚୟ ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

### ଜିଲାରେ ଠକେଇ ଗ୍ୟାଙ୍ଗ୍ ସକ୍ରିୟ

ଢେଙ୍କାନାଳ ଜିଲାରେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଭାବେ ପରିଚୟ ଦେଇ ବଟି ଆଦାୟ କରିବା ଭଳି ଘଟଣା ବଢ଼ିବାରେ ଲାଗିଛି। ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଏଭଳି ମାମଲା ନଜରକୁ ଆସୁଛି। ବିଶେଷ କରି ୫୫ନଂ. ଜାତୀୟ ରାଜପଥର ନିଛାଟିଆ ସ୍ଥାନରେ ଗାଡ଼ି ଅଟକାଇ ଅଭିଯୁକ୍ତମାନେ ନିଜକୁ ତହସିଲଦାର ଓ ଆର୍‌ଟିଓ ବୋଲି ପରିଚୟ ଦେଇ ମାଲ୍ ବୋଝେଇ ଭାରିଯାନ ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏଭଳି ଆପରାଧିକ ଘଟଣାରେ ବିଧିବଦ୍ଧ ଭାବେ ଏକ ଗ୍ୟାଙ୍ଗ୍ ସାମିଲ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।



ଜବତ ବୋଲେରୋ

### ଆର୍‌ଟିଓ ଅଫିସ୍‌ରେ ଭଡ଼ାରେ ଲାଗିଥିଲା ବୋଲେରୋ

ଅଭିଯୁକ୍ତମାନେ ବ୍ୟବହାର କରୁଥିବା ବୋଲେରୋ କିଛିଦିନ ତଳେ ଢେଙ୍କାନାଳ ଆର୍‌ଟିଓଙ୍କ କାର୍ଯ୍ୟାଳୟରେ ଭଡ଼ାରେ ଲାଗିଥିଲା। ଉକ୍ତ ଗାଡ଼ିର ପ୍ରକୃତ ମାଲିକ କିଏ। ଅଭିଯୁକ୍ତମାନଙ୍କ ସହିତ ଗାଡ଼ି ମାଲିକଙ୍କ ଲିଙ୍କ୍ ରହିଛି କି। ସେମାନେ ଭଡ଼ାରେ ବୋଲେରୋ ଆଣିଥିଲେ କି। ଏହି ଘଟଣାରେ ଆର୍‌ଟିଓ କାର୍ଯ୍ୟାଳୟର କାହାରି ସମ୍ପୃକ୍ତି ଅଛି କି ନାହିଁ। ଏଭଳି ଅନେକ ପ୍ରଶ୍ନ ଏବେ ବି ରହସ୍ୟ ଘେରରେ ରହିଛି। ବିଭିନ୍ନ ଦିଗକୁ ନେଇ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।

## ଶ୍ରୀଚନ୍ଦ୍ରଶେଖରଙ୍କ ସୁନାବେଶ ପ୍ରସ୍ତୁତି


ସୁବର୍ଣ୍ଣ ଆଭୂଷଣ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଠାକୁରଙ୍କଠାରୁ ଆଜ୍ଞାମାଳ ଅଣାଯାଉଛି।

**ଢେଙ୍କାନାଳ ଅଫିସ, ୬।୭**

■ଆସିଲା ଠାକୁରଙ୍କ ଆଜ୍ଞାମାଳ
■ନିର୍ମାଣ ହେବ ସୁବର୍ଣ୍ଣ ଆଭୂଷଣ

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ ତଥା କପିଳାସ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ମହାଦେବଙ୍କ ସୁନାବେଶ ପାଇଁ ଆଭୂଷଣ ନିର୍ମାଣ ହେବ। ଦାନସୂତ୍ରରେ ମିଳିଥିବା ସୁନାରୁ ନାଗାଭରଣ ବେଶ ପାଇଁ ସୁବର୍ଣ୍ଣ ପଞ୍ଚବକ୍ର ତିଆରି କରାଯିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ପଞ୍ଚବକ୍ର ନିର୍ମାଣ ନିମନ୍ତେ ଆଜ୍ଞାମାଳ ଅଣାଯାଇଥିଲା। ଏହାପରେ କାରିଗରମାନେ ଆଭୂଷଣ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ପୂଜାର୍ଚ୍ଚନା କାର୍ଯ୍ୟରେ ରାଜପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂଦେଓ, ବିଧାୟକ ସୁଧୀର କୁମାର ସାମଲ, ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଗଁଦିଆ ତହସିଲଦାର ଆଶିଷ ରଞ୍ଜନ ସାହୁ, ଦେବୋତ୍ତର ନୀରିକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ନିତ୍ୟସେବକ ଏବଂ ସେବାୟତମାନେ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଠାକୁରଙ୍କ ଏହି କାର୍ଯ୍ୟ ଶେଷ କରିବାକୁ ଦେବୋତ୍ତର ବିଭାଗ ପକ୍ଷରୁ ଉଦ୍ୟମ ଚାଲିଛି।

### ୫ ମୁଣ୍ଡ ନେଲା କରୋନା

**ଢେଙ୍କାନାଳ ଅଫିସ, ୬।୭**

ଢେଙ୍କାନାଳ ଜିଲାରେ ଦିନକରେ ୫ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାପରେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁ ସଂଖ୍ୟା ୮୦ରେ ପହଞ୍ଚିଛି। ସେହିପରି ୨୪ ଘଣ୍ଟାରେ ୫୯ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୪୬ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ସର୍ବାଧିକ ୨୮ ଜଣ ରହିଛନ୍ତି। ସେହିପରି ସଦର ବ୍ଲକର ୯, ଗଁଦିଆ ବ୍ଲକର ୭, ଭୁବନ ବ୍ଲକର ୫, ଭୁବନ ଏନ୍‌ଏସିର ୩, ପରଜଙ୍ଗ ବ୍ଲକର ୨, ଓଡ଼ାପଡ଼ା ବ୍ଲକର ୧, କାମାକ୍ଷାନଗର ବ୍ଲକର ୧ ଓ ଏନ୍‌ଏସିରେ ୧ ଏବଂ ବିଭିନ୍ନ ଚିକିତ୍ସାଳୟର ୨ ଜଣ ରହିଛନ୍ତି। ଜିଲାରେ ୭୫୪ ସକ୍ରିୟ ମାମଲା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବଜ୍ରପାତରେ ବାଳକ ମୃତ

**ଢେଙ୍କାନାଳ ଅଫିସ, ୬।୭**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁକୁରା ସିଙ୍କୁଙ୍କ ୮ ବର୍ଷର ପୁଅ ରଘୁ। ରଘୁ ଅପରାହ୍ନରେ ଛେଳି ଚରାଇବାକୁ ଯାଇଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ଜିଲାରେ ଲାଗିବ ୩୦ ଲକ୍ଷ ଚାରା

**ଢେଙ୍କାନାଳ ଅଫିସ, ୬।୭**

ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ସହରସ୍ଥିତ କାଠଗଡ଼ା ନର୍ସରୀ ପରିସରରେ ସୋମବାର ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଚଳିତବର୍ଷ ଜିଲାରେ ୩୦ ଲକ୍ଷ ଚାରା ରୋପଣ କରାଯିବ ବୋଲି ଏଥିରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର ସାମଲ କହିଲେ, ଜଙ୍ଗଲ ସମ୍ପଦ ଧ୍ୱଂସ ହୋଇଚାଲିଥିବା ଯୋଗୁ ମାନବ ସଭ୍ୟତା ବିପଦ ଆଡକୁ ଯାଉଛି। ତେଣୁ ଗଛକୁ ବଞ୍ଚାଇ ରଖିବା ସମସ୍ତଙ୍କ ଦାୟିତ୍ୱ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ଚାରା ରୋପଣ କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କହିଲେ, ଚଳିତବର୍ଷ ବନ ବିଭାଗ ପକ୍ଷରୁ ଜିଲାରେ ୩୦ ଲକ୍ଷ ଚାରା ରୋପଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବ୍ରାହ୍ମଣୀ କୂଳରେ ରହିଥିବା ଅଞ୍ଚଳଗୁଡ଼ିକରେ ଚାରା ରୋପଣ ପାଇଁ ଉଦ୍ୟମ ଜାରି ରହିଛି। ଏହି ଅବସରରେ କାମାକ୍ଷାନଗର ଉପଖଣ୍ଡର ଆଲୁଅଝରଣ ବନ ସଂରକ୍ଷଣ ସମିତି, ଢେଙ୍କାନାଳ ଉପଖଣ୍ଡ ଗୋହିରାଖାଲ ବନ ସଂରକ୍ଷଣ ସମିତି ଓ ହିନ୍ଦୋଳ ଉପଖଣ୍ଡ ଶିଙ୍କୋଲୋ ବନ ସଂରକ୍ଷଣ ସମିତିକୁ ପୁରସ୍କୃତ କରାଯାଇଥିଲା।



ବିଧାୟକ ଏକ ବନ ସଂରକ୍ଷଣ ସମିତିକୁ ପୁରସ୍କୃତ କରୁଛନ୍ତି।

## ବଢୁଛି ଚୋରା ମଦ କାରବାର

**ବଇଣ୍ଡା,୬।୭(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଅଞ୍ଚଳରେ କିଛିଦିନ ହେବ ଚୋରା ଦେଶୀ ଓ ବିଦେଶୀ ମଦ କରବାର ବଢୁଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମାଞ୍ଚଳରେ ଅଯଥାରେ ବିଶୃଙ୍ଖଳା ଦେଖାଦେଉଛି। ଏହି ଥାନାର ପାଇକସାହି, ଆମ୍ବସରମୁଣ୍ଡା, କନ୍ତପଡା, ସାପଘରା, ମଇମୁରା, ସାନହୁଲା, ପେଡିପଥର, କୃର୍ତିବାସପୁର, କୁରମଟାପ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚୋରାମଦ ବିକ୍ରି ହେଉଛି। କେତେକ ପାନ ଦୋକାନ, ତେଜରାତି ଦୋକାନ ଓ ଝୁମ୍ପୁଡି ହୋଟେଲରେ ଏହି କାରବାର ଚାଲିଥିବା ଅଭିଯୋଗ ହୋଇଛି। କେତେକ ଭାଟି ମାଲିକ କର୍ମଚାରୀଙ୍କୁ ବାଇକ ଯୋଗେ ମଦ ଚାଲାଣରେ ଲଗାଇଛନ୍ତି। ଅବକାରୀ ଓ ପୋଲିସ ବିଭାଗର କେତେଜଣ ତଳିଆ କର୍ମଚାରୀଙ୍କୁ ହାତ ଗୁଞ୍ଜା ଦେଇ ଏହି ବ୍ୟବସାୟ କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ପଦେକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଠାକୁରଗଡ ଆଇଆଇସି ପୀତାମ୍ବର ମଲ୍ଲିକ କୁହନ୍ତି, ଚୋରା ମଦ କାରବାର ଉପରେ ପୋଲିସ ପକ୍ଷରୁ ଚଢାଉ କରାଯାଉଛି।

## ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

**ବଇଣ୍ଡା,୬।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ପର୍ଣ୍ଣମାଳ ନିକଟରେ ରବିବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିବା ଠାକୁରଗଡ ଥାନା ଜରପଡା ଗ୍ରାମର ଧରଣୀ ବେହେରା (୫୦)ଙ୍କ ସୋମବାର କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ହୋଇଛି। ପୋଲିସ କହିଛି, ଧରଣୀ ତାଙ୍କ ବାଇକ୍ ଯୋଗେ ଜରପଡାରୁ ନାକିଚି ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ୨ ଟି ବାଇକ ଜବତ କରିଛି।

## ସେଣ୍ଟ୍ ଜାଭିୟର୍ସ ସ୍କୁଲ ପୁରସ୍କୃତ

**ଢେଙ୍କାନାଳ ଅଫିସ, ୬।୭**

ଢେଙ୍କାନାଳ ସହରସ୍ଥିତ ସେଣ୍ଟ୍ ଜାଭିୟର୍ସ ସ୍କୁଲ 'ଶ୍ରେଷ୍ଠ ଉଦୀୟମାନ ବିଦ୍ୟାଳୟ' ଭାବେ ପୁରସ୍କୃତ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ 'ଜୀ ଓଡ଼ିଶା ଶିକ୍ଷା ଉତ୍କର୍ଷ ସମ୍ମିଳନୀ ଓ ସମ୍ମାନ' କାର୍ଯ୍ୟକ୍ରମରେ ବିଦ୍ୟାଳୟକୁ ଶ୍ରେଷ୍ଠ ବିବେଚିତ କରାଯାଇଛି। ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଗତ ଜୁନ୍ ୩୦ରେ ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଶିକ୍ଷାବିତ୍, ବୁଦ୍ଧିଜୀବୀ ଯୋଗଦେଇ ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ, କୋଭିଡ୍ ମହାମାରୀ ସମୟରେ ଶିକ୍ଷାକୁ ନେଇ ଲାଗି ରହିଥିବା ଚ୍ୟାଲେଞ୍ଜ ସମ୍ପର୍କରେ ଆଲୋକପାତ କରିଥିଲେ। କରୋନା ସମୟରେ ଉଭୟ ଘରୋଇ ଏବଂ ସରକାରୀ ବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ପ୍ରଭାବିତ ହୋଇଛି। ତଥାପି କେତେକ ଶିକ୍ଷାନୁଷ୍ଠାନ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ ଜାରି ରଖିଛନ୍ତି। ଏଭଳି ଉତ୍ସାହୀ ଶିକ୍ଷାନୁଷ୍ଠାନଗୁଡ଼ିକ ଲାଗି ଲକ୍ଷାଧିକ ମେଧାବୀ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାଦାନ ଓ ଉପଯୁକ୍ତ ଭିତ୍ତିଭୂମି, ଦକ୍ଷତା, ଗମନାଗମନ ଆଦି ମାପଦଣ୍ଡ ଆଧାରରେ ବିଚାରକମଣ୍ଡଳୀଙ୍କ ଦ୍ୱାରା ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ ଶ୍ରେଷ୍ଠ ଉଦୀୟମାନ ବିଦ୍ୟାଳୟ ଭାବେ ଯୋଗ୍ୟ ବିବେଚିତ ହୋଇଥିଲା।



ଗଣଶିକ୍ଷା ମନ୍ତ୍ରୀଙ୍କଠାରୁ ସ୍କୁଲ ଅଧକ୍ଷ ପୁରସ୍କାର ଗ୍ରହଣ କରୁଛନ୍ତି।

## ଅଣ୍ଡର ବାଇପାସ୍‌ରେ ଆଣ୍ଠୁଏ ପାଣି

**ପରଜଙ୍ଗ, ୬।୭(ଡି.ଏନ୍.ଏ.)**


ରେଲ୍‌ୱେ ଅଣ୍ଡର ବାଇପାସ୍ ତଳେ ପାଣି ଜମି ରହିଛି।

■ସାମାନ୍ୟ ବର୍ଷାରେ ହନ୍ତସନ୍ତ ଅଞ୍ଚଳବାସୀ
■ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ବଢୁଛି ସମସ୍ୟା
■ଅଭିଯୋଗ ସତ୍ତ୍ୱେ ଶୁଣୁନି ରେଳ ବିଭାଗ

ରେଳପଥ ପାଇଁ ସମୃଦ୍ଧ ହୁଏ ଅଞ୍ଚଳର ଅର୍ଥନୈତିକ ଅବସ୍ଥା। ଦ୍ରୁତ ଗମନାଗମନ ପାଇଁ ବାଟ ଫିଟେ। ଶିଳ୍ପାୟନ ପାଇଁ ସୃଷ୍ଟି ହୁଏ ସୁଯୋଗ। ହେଲେ ଦୀର୍ଘକାଳୀନ ଭିତ୍ତିରେ ଗଢ଼ାଯାଉଥିବା ରେଳପଥ ପ୍ରକଳ୍ପ ନିର୍ମାଣରେ ସାମାନ୍ୟ ତ୍ରୁଟିବିଚ୍ୟୁତି ହେଲେ ଏହା ଅଞ୍ଚଳବାସୀଙ୍କ ପାଇଁ ପାଲଟିଯାଏ ବୋଝ, ଯାହା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଦେଇ ଯାଉଥିବା ନୂତନ ଅନୁଗୋଳ-ସୁକିନ୍ଦା ରେଳପଥ କାର୍ଯ୍ୟରେ।

ଅଞ୍ଚଳବାସୀଙ୍କ କହିବା କଥା, ପଙ୍ଗାତୀରା-ବଡ଼କମର ପୂର୍ତ୍ତ ବିଭାଗ ରାସ୍ତାକୁ ଗଣ୍ଡତଇଲାଠାରେ ଅତିକ୍ରମ କରିଛି ଅନୁଗୋଳ-ସୁକିନ୍ଦା ରେଳପଥ। ତେବେ ଏଠାରେ ନିର୍ମାଣ କରାଯାଇଥିବା କମ୍ ଉଚ୍ଚତା ବିଶିଷ୍ଟ ରେଲ୍‌ୱେ ରୋଡ୍ ଅଣ୍ଡର ବାଇପାସ୍ ଯୋଗୁ ଘାଣ୍ଟି ହେଉଛନ୍ତି ଜନସାଧାରଣ। ସାମାନ୍ୟ ବର୍ଷା ହେଲେ ବାଇପାସ୍ ରାସ୍ତା ବ୍ରିଜ୍ ତଳେ ଆଣ୍ଠୁଏ ପାଣି ଜମୁଛି। ସେହିପରି ଯୋଜନାହୀନ ଭାବେ ନିର୍ମାଣ କରାଯାଉଥିବା ସଂକୀର୍ଣ୍ଣ ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନିହେଉଛି। ରେଳପଥ ନିର୍ମାଣ ପୂର୍ବରୁ ଭବିଷ୍ୟତରେ ସ୍ଥାନୀୟ ବାସିନ୍ଦା ଭୋଗିବାକୁ ଥିବା ସମସ୍ୟା ସମ୍ପର୍କରେ ଅନୁମାନ କରାଯାଉଥିଲା। ଏ ସଂକ୍ରାନ୍ତରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲାପାଳଙ୍କ ସମେତ ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଚିଠି ଲେଖିଥିଲେ। ହେଲେ ରେଲୱେ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଲେନାହିଁ। ଫଳରେ କନ୍ଦରସିଂହା, ରୋଡ୍, ସାଆନ୍ଦା, ଚାନ୍ଦପୁର, କୁମୁସୀ, ପାଟରପଦା ପଞ୍ଚାୟତବାସୀଙ୍କ ସମେତ ଢେଙ୍କାନାଳକୁ ଯାତାୟାତ କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ଅନ୍ୟପଟେ ଉକ୍ତ ରେଳପଥ ନିର୍ମାଣ ଦାୟିତ୍ୱ ଆର୍‌ବିଏନ୍‌ଏଲ୍ ସଂସ୍ଥା ପାଇଛି। ହେଲେ ଏହି ସଂସ୍ଥାଠାରୁ ଏସ୍‌ସିଡବ୍ଲୁ ନାମକ ଅନ୍ୟ ଏକ ସଂସ୍ଥା ଦାୟିତ୍ୱ ନେଇଛି। ଏସ୍‌ସିଡବ୍ଲୁ କିଛି କାର୍ଯ୍ୟ ନିଜେ କରୁଥିବାବେଳେ ଅନ୍ୟ କେତେକ କାର୍ଯ୍ୟ ଠିକାଦାରଙ୍କ ଦ୍ୱାରା କରାଉଛି। ଠିକାଦାରଙ୍କ ଖାମଖିଆଲ ମନୋଭାବ ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ କହିଛନ୍ତି। ଅପରପକ୍ଷେ ରେଳ ବିଭାଗ ମାଟି ପକାଇ ପୂର୍ତ୍ତ ବିଭାଗ ରାସ୍ତାକୁ ବନ୍ଦ କରିଦେଇଛି। ବ୍ରିଜ୍ ଉଚ୍ଚତା ଅତି କମ୍ ହୋଇଥିବାରୁ ଭାରିଯାନ ଚଳାଚଳ କରିପାରୁନାହିଁ। ଅଣ୍ଡରପାସ୍ ଦେଇ ପୂର୍ତ୍ତ ବିଭାଗର ଦୁଇପାର୍ଶ୍ୱକୁ ସଂଯୋଗକାରୀ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଛି। ଫଳରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏହାର ସ୍ଥାୟୀ ପ୍ରତିକାର ନ ହେଲେ ଆଗାମୀ ଦିନରେ ଲକ୍ଷାଧିକ ଲୋକଙ୍କ ଜୀବନଜୀବିକା ବିପନ୍ନ ହେବେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ସଂକ୍ରାନ୍ତରେ ଏସ୍‌ସିଡବ୍ଲୁ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଶେଖର ରେଡ୍ଡୀ କୁହନ୍ତି, ବର୍ଷାଦିନେ କେତେ ପାଣି ଜମୁଛି ତାହା ଆକଳନ କରାଯାଉଛି। ଆସନ୍ତା ବର୍ଷ ଅଣ୍ଡରପାସ୍ ରାସ୍ତାରେ କଂକ୍ରିଟ ପକାଇ ଅଧିକ ଉଚ୍ଚା କରିଦେବୁ ବୋଲି କହିଛନ୍ତି।

